# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**06th December - 2024**

**News Editor : *Itishree Singh Rathuar***

**************************************

## ମୁଖ୍ୟ ସମ୍ବାଦ

- ଦେଶରେ ବର୍ତ୍ତମାନ ମହିଳାଙ୍କ ନେତୃତ୍ୱରେ ବିକାଶକୁ ଗୁରୁତ୍ୱ ଦିଆଯାଉଛି; କହିଲେ ରାଷ୍ଟ୍ରପତି ।

— ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ସହ କଲେ ଭାବବିନିମୟ ।

- ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍-୨୦୨୪ ବିଧାନସଭାରେ ଆଗତ ।

- ଭାରତୀୟ ସାଙ୍କେତିକ ଭାଷାପାଇଁ ପି.ଏମ୍. ଇ-ବିଦ୍ୟା ଡି.ଟି.ଏଚ୍. ଚ୍ୟାନେଲ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

- କଟକରେ ଆସନ୍ତାକାଲି ରେଳଷ୍ଟେସନ୍‌ର ଦ୍ୱିତୀୟ ପ୍ରବେଶ ପଥର ଉଦ୍‌ଘାଟନ କରିବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।

ଏବଂ

- ଭୁବନେଶ୍ୱରରେ ଆରମ୍ଭ ହେଲା ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ।

***Desk***

# ରାଷ୍ଟ୍ରପତି - ମୂୟୂରଭଞ୍ଜ ଗସ୍ତ

ଦେଶରେ ବର୍ତ୍ତମାନ ମହିଳାଙ୍କ ନେତୃତ୍ୱରେ ବିକାଶକୁ ଗୁରୁତ୍ୱ ଦିଆଯାଉଛି । ମହିଳାଙ୍କ ବିକାଶ ହେଲେ ଦେଶର ବିକାଶ ହେବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ସହ ଭାବବିନିମୟ କରି କହିଛନ୍ତି, ବର୍ତ୍ତମାନ ବିଜ୍ଞାନର ଯୁଗ । ମହିଳାମାନେ ଚନ୍ଦ୍ରପୃଷ୍ଠରେ ପହଞ୍ଚି ପାରିଛନ୍ତି । ମହିଳାଙ୍କ ପରିବର୍ତ୍ତନରେ ଦେଶ ଓ ସମାଜରେ ସକାରାତ୍ମକ ପରିବର୍ତ୍ତନ ହୁଏ । ଶ୍ରୀମତୀ ମୁର୍ମୁ ଛାତ୍ରୀମାନଙ୍କୁ ବିଜ୍ଞାନରେ ଅଧିକ ରୁଚି ବଢ଼ାଇବାପାଇଁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ମହିଳାମାନେ ନିଜେ ସକ୍ଷମ ହେବା ସହ ଦେଶର ବିକାଶପାଇଁ ସଙ୍କଳ୍ପ ନେବାର ଆବଶ୍ୟକତା ରହିଛି ।

***Voice :............***

ରାଷ୍ଟ୍ରପତି ଆଜି ସକାଳେ ଉପରବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ଭାବବିନିମୟ କରିଥିଲେ । ରାଷ୍ଟ୍ରପତି ଆସନ୍ତାକାଲି ମୟୂରଭଞ୍ଜରେ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

*Desk*

# ସାର୍ବଜନୀନ ପରୀକ୍ଷା ବିଲ୍

ବିଧାନସଭାରେ ଆଜି ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ୨୦୨୪ ଆଗତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟାର୍ଦ୍ଧରେ ଏହି ବିଲ୍ ଉପସ୍ଥାପନ କରିଛନ୍ତି । ଗୃହରେ ଏହି ବିଲ୍ ନେଇ ଆଲୋଚନା ଜାରି ରହିଛି । ନିଯୁକ୍ତିଭିତ୍ତିକ ପରୀକ୍ଷାରେ ସ୍ୱଚ୍ଛତା ଆଣିବା, ପରୀକ୍ଷା ସମୟରେ ଅନିୟମିତତା ରୋକିବାପାଇଁ ଏହି ବିଲ୍ ଆଣିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।

*Assembly Review*

# ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ରାଜ୍ୟରେ ୧୯୯ଟି ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରାଯାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରୂପାନ୍ତରିତ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ବିଧାନସଭାରେ ଆଜି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୨୦୧୬-୧୭ ଶିକ୍ଷାବର୍ଷରୁ ଯୁକ୍ତ ଦୁଇ ପାଠ୍ୟକ୍ରମକୁ ଉଚ୍ଚ ଶିକ୍ଷା ବିଭାଗରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନକୁ ଆଣିବାପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ୧୯୯ଟି ଉନ୍ନୀତ ବିଦ୍ୟାଳୟ ମଧ୍ୟରୁ ୧୧୦ଟି ବିଦ୍ୟାଳୟକୁ

ପ୍ରାଥମିକ ପ୍ରସ୍ତୁତି ଓ କାର୍ଯ୍ୟକ୍ଷମ ବାବଦକୁ ୧ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ସେହିପରି ଆସବାବପତ୍ର ବାବଦରେ ୨୬ଟି ବିଦ୍ୟାଳୟକୁ ଗତ ଆର୍ଥିକ ବର୍ଷରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୧୪ଟି ବିଦ୍ୟାଳୟକୁ ୩୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

***BBSR/R***

# ପାଇପ୍ ଜଳ ସମୀକ୍ଷା

ରାଜ୍ୟରେ ପାଇପ ଜଳଯୋଗାଣର କାର୍ଯ୍ୟକାରିତା ନେଇ ଆଜି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ନାଏକ କହିଛନ୍ତି, ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ । ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ଜମି ଅଧିଗ୍ରହଣ, ଜଙ୍ଗଲ ଜମି ହସ୍ତାନ୍ତର, ଡି.ପି.ଆର୍. ପ୍ରସ୍ତୁତି ଆଦି କାର୍ଯ୍ୟ ଶୀଘ୍ର କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

*Cuttack/R*

# ହାଇକୋର୍ଟ - କନେଷ୍ଟବଳ ବୟସସୀମା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପୁଲିସ୍ ବିଭାଗରେ ସିପାହି ଏବଂ କନେଷ୍ଟବଳ ନିଯୁକ୍ତି ପାଇଁ ଆବେଦନ ବୟସସୀମାକୁ ୬ ବର୍ଷ କୋହଳ କରିଛନ୍ତି । ରାଜ୍ୟ ସରକାର ପୂର୍ବରୁ ଏହି ପଦ ଲାଗି ସର୍ବୋଚ୍ଚ ବୟସ ସୀମା ୨୩ ବର୍ଷ ଧାର୍ଯ୍ୟ କରିଥିଲେ । ଏହି ନିଷ୍ପତ୍ତିକୁ ବିରୋଧ କରି ଉଚ୍ଚ ନ୍ୟାୟାଳୟରେ ରୁଜୁ ହୋଇଥିବା ମାମଲାର ବିଚାର କରି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଆଶାୟୀ ପ୍ରାର୍ଥୀଙ୍କ ବୟସସୀମା କୋହଳ ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ବିଭିନ୍ନ ବାଟାଲିୟନ୍‌ରେ ୧୩ ଶହ ୬୦ ଜଣ ସିପାହି, କନେଷ୍ଟବଳ ପଦ ପୂରଣପାଇଁ ୨୦୨୪ ସେପ୍ଟେମ୍ବର ମାସ ୨୨ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ଜାରି ରହିଥିବା ନିଯୁକ୍ତି ପ୍ରକ୍ରିୟାରେ ସର୍ବାଧିକ ବୟସ ସୀମା ୬ ବର୍ଷ କୋହଳ କରାଯିବ । ଏ ସମ୍ପର୍କରେ ଓଡ଼ିଶା ପୁଲିସ ରାଜ୍ୟ ଚୟନ ପର୍ଷଦ ଅଧ୍ୟକ୍ଷ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରିବେ । ସବୁ ବର୍ଗର ପ୍ରାର୍ଥୀଙ୍କୁ ଏହି ସୁବିଧା ମିଳିବ ବୋଲି ଜଣାପଡ଼ିଛି ।

*Desk*

# ପି.ଏମ୍. ଇ-ବିଦ୍ୟା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତୀୟ ସାଙ୍କେତିକ ଭାଷା ପାଇଁ ପି.ଏମ୍. ଇ-ବିଦ୍ୟା ଡି.ଟି.ଏଚ୍. ଚ୍ୟାନେଲ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ପି.ଏମ୍. ଇ-ବିଦ୍ୟା ଶ୍ରବଣବାଧିତ ସମ୍ପ୍ରଦାୟକୁ ଶିକ୍ଷା କ୍ଷେତ୍ରରେ ସହାୟତା ପ୍ରଦାନ କରିବା ସହ ଚ୍ୟାନେଲ୍‌ରେ ଥିବା ବ୍ୟାପକ ଡିଜିଟାଲ୍ ପାଠ୍ୟକ୍ରମ, ଦକ୍ଷତା ପ୍ରଶିକ୍ଷଣ, ମାନସିକ ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମ୍ବଳ ମାଧ୍ୟମରେ ଶ୍ରବଣବାଧିତଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବାପାଇଁ ସହାୟକ ହେବ । ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ସମାବେଶୀ ଶୈକ୍ଷିକ ବାତାବରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସାଙ୍କେତିକ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷା ଓ ଦକ୍ଷତା ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଉପସ୍ଥିତ ଥିଲେ ।

*PIB*

# ରେଳଷ୍ଟେସନ ଉଦ୍‌ଘାଟନ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ଅପରାହ୍ଣରେ ବାଲେଶ୍ୱର ରେଳଷ୍ଟେସନ୍‌ରେ ନବନିର୍ମିତ ଫୁଟ୍ ଓଭରବ୍ରିଜ୍‌ର ଉଦ୍‌ଘାଟନ କରିବେ । ସନ୍ଧ୍ୟାରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କଟକ ରେଳଷ୍ଟେସନ୍‌ର ଦ୍ୱିତୀୟ ପ୍ରବେଶ ପଥର

ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । କଟକ ସାଂସଦ ଭର୍ତ୍ତୃହରି ମହତାବ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

*Desk*

## ରିଜର୍ଭ ବ୍ୟାଙ୍କ୍ - ମୁଦ୍ରାନୀତି

ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛି । ପୂର୍ବଭଳି ରେପୋ ରେଟ୍ ୬ ଦଶମିକ ୫ ପ୍ରତିଶତ ରହିଛି । ଫଳରେ ଷ୍ଟାଣ୍ଡିଂ ଡିପୋଜିଟ୍ ଫାସିଲିଟି-ଏସ୍.ଡି.ଏଫ୍ ହାର ୬ ଦଶମିକ ୨/୫ ପ୍ରତିଶତ ଏବଂ ମାର୍ଜିନାଲ ଷ୍ଟାଣ୍ଡିଂ ଫାସିଲିଟି-ଏମ୍.ଏସ୍.ଏଫ୍ ହାର ୬ ଦଶମିକ ୭/୫ ପ୍ରତିଶତ ରହିଛି । ଗତ ୨୦୨୩ ମସିହା ଫେବୃୟାରୀଠାରୁ ରିଜର୍ଭ ବ୍ୟାଙ୍କ ସୁଧ ହାର ଉପରେ ସ୍ଥିତାବସ୍ଥା ବଜାୟ ରଖିଛି । ଅନ୍ୟପକ୍ଷରେ ୨୦୨୨ ପରଠାରୁ କ୍ୟାସ୍ ରିଜର୍ଭ ରେସିଓ ୪ ଦଶମିକ ୫ ପ୍ରତିଶତ ଅପରିବର୍ତ୍ତିତ ରହିଛି ।

*PIB*

## ଟି.ବି. ନିରୋଧକ ଔଷଧ

ଦେଶରେ ଯକ୍ଷ୍ମା ନିରୋଧକ ଔଷଧ କମ ପରିମାଣରେ ଗଚ୍ଛିତ ରହିଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଏହା ମିଥ୍ୟା ଓ

ଭ୍ରମାତ୍ମକ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି । ଦେଶର ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ଶହେ ଦିନିଆ ସ୍ୱତନ୍ତ୍ର ଅଭିଯାନରେ ଏନେଇ ପ୍ରଚାର ପ୍ରସାର କରାଯିବ । ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ଭାବେ ରୋଗ ଚିହ୍ନଟ, ନିର୍ଦ୍ଦିଷ୍ଟ ସମୟ ଭିତରେ ଡାଇଗ୍ନୋଷ୍ଟିକ ଯନ୍ତ୍ରପାତି ଯୋଗାଇବା ପରି କାର୍ଯ୍ୟକ୍ରମ ରହିଛି । ତେବେ ଏନେଇ ୩୪୭ଟି ଜିଲ୍ଲା ସମେତ ସାରା ଦେଶରେ ଯକ୍ଷ୍ମା ନିରୋଧକ ଔଷଧ ସହ ଆବଶ୍ୟକ ଉପକରଣ ଯୋଗାଇ ଦିଆଯିବ । କେନ୍ଦ୍ରୀୟ ଭଣ୍ଡାର ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ଓ ଉପକରଣର ଗଚ୍ଛିତ ନେଇ ନିୟମିତ ଯାଞ୍ଚ କରାଯିବ ବୋଲି କୁହାଯାଇଛି । ଏନଟିପି ଅଧୀନରେ ସବୁ କେନ୍ଦ୍ରରେ ଆଜି ସୁଦ୍ଧା ଯକ୍ଷ୍ମା ନିରୋଧକ ସବୁ ଔଷଧର ଦୁଇ ମାସରୁ ଅଧିକ ଷ୍ଟକ ମହଜୁଦ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

***Desk***

## ମହାପରିନିର୍ବାଣ ଦିବସ

ଭାରତୀୟ ସମ୍ବିଧାନର ମୁଖ୍ୟ କର୍ଣ୍ଣଧାର ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ୬୮ତମ ଶ୍ରାଦ୍ଧବାର୍ଷିକୀରେ ଆଜି ଦେଶବ୍ୟାପୀ ମହାପରିନିର୍ବାଣ ଦିବସ ପାଳନ କରାଯାଉଛି। ଦେଶ ନିର୍ମାଣରେ ଡକ୍ଟର ଆମ୍ବେଦକରଙ୍କ ଅବଦାନକୁ ମନେପକାଇ ଆଜି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

ରାଜ୍ୟପାଳ ରଘୁବର ଦାସ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ କହିଛନ୍ତି, ଡକ୍ଟର ଆମ୍ବେଦକରଙ୍କ ଜୀବନ ଦର୍ଶନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଶୋଷିତ ଓ ବଞ୍ଚିତଙ୍କ ଅଧିକାର ପାଇଁ ଜୀବନ ଥିବା ପର୍ଯ୍ୟନ୍ତ ସେ ଲଢ଼ିଥିଲେ। ସମାଜକୁ ଶିକ୍ଷିତ କରିବାରେ ତାଙ୍କର ପ୍ରୟାସ ସବୁବେଳେ ସ୍ମରଣୀୟ ହୋଇରହିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସାମାଜିକ ନ୍ୟାୟର ପୁରୋଧା ଡକ୍ଟର ଆମ୍ବେଦକର ନିଜର ବିଚାର, ସଂଘର୍ଷ ଓ ଅତୁଳନୀୟ ଅବଦାନ ବଳରେ ସମ୍ବିଧାନର ରଚନା କରିବା ସହ ସମାଜର ବଞ୍ଚିତ ଏବଂ ଉପେକ୍ଷିତ ବର୍ଗଙ୍କ ସମ୍ମାନ ଓ ଅଧିକାର ପାଇଁ ମାର୍ଗ ପ୍ରଶସ୍ତ କରିଥିଲେ।

***Desk***

## ପୁସ୍ତକମେଳା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆଜି ସନ୍ଧ୍ୟାରେ ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଆରମ୍ଭ ହୋଇଛି । ଚଳିତ ବର୍ଷ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ପ୍ରତିଷ୍ଠିତ ପ୍ରକାଶକ, ପୁସ୍ତକ ବିତରକ ଓ ବିକ୍ରେତା ଏହି ମେଳାରେ ଯୋଗ ଦେଇଛନ୍ତି । ୧୦ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ

ସାହିତ୍ୟ ଆସର, ବୈଠକ, ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

***HS***

## ଆଥ୍ଲେଟିକ୍ସ ଚାମ୍ପିୟନ୍‌ସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚମ୍ପିୟାନସିପ୍ ଅନୁଷ୍ଠିତ ହେବ। ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରାୟ ୨ ହଜାର କ୍ରୀଡ଼ାବିତ୍ ଭାଗନେବେ । ଏଥିରେ ରାଜ୍ୟରୁ ମୋଟ ୭୮ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ ।

*****